


**ଟିପ୍ପଣୀ**

# ୨୮

# ମାନବ ବିକାଶ

ବିକାଶ କହିଲେ ସାଧାରଣତଃ ଆମେ ବୈଷୟିକ ତଥା ଆର୍ଥିକ ବିକାଶକୁ ହିଁ ବୁଝୁ । ବିଷୟ ଉନ୍ନତିରେ ଘର, ଜମିଜାଗା, ଗାଡ଼ି ଓ ଗହଣାପାଣ୍ଠି ଆଦି ଅନ୍ତର୍ଭୁକ୍ତ । ଆବଶ୍ୟକ ସମୟରେ ଏସବୁ ବିକ୍ରୀ କରାଯାଇପାରେ । ପୃଥିବୀର ସମସ୍ତ ଦେଶକୁ ଦୁଇ ଭାଗରେ ବିଭକ୍ତ କରାଯାଏ । ଯଥା : (i) ବିକଶିତ (ii) ବିକାଶଶୀଳ । ମୁଖ୍ୟତଃ ଆର୍ଥିକ ବିକାଶ ଉପରେ ନିର୍ଭର କରି ଏପରି ବିଭାଗୀକରଣ କରାଯାଇଛି । ଏହା ଏକ ପରମ୍ପରାଗତ ଚିନ୍ତାଧାରା । କିନ୍ତୁ ଆର୍ଥିକ ବିକାଶକୁ ଛାଡ଼ି ମାନବୀୟ ବିକାଶ ଉପରେ ଧ୍ୟାନ କେନ୍ଦ୍ରୀଭୂତ କରିବା ଭଳି ଏକ ନୂତନ ଚିନ୍ତାଧାରାର ଅଭ୍ୟୁଦୟ ଘଟିଛି । ବିଶ୍ୱ ବିଖ୍ୟାତ ଅର୍ଥନୀତିଜ୍ଞ ପ୍ରଫେସର୍ ମେହେବୁବ୍‌ଅଲ୍ ହକ୍ ଓ ପ୍ରଫେସର ଅମର୍ତ୍ତ୍ୟ ସେନ 1990 ମସିହାରେ 'ମାନବ ବିକାଶ'ର ଅବଧାରଣା ପ୍ରସ୍ତୁତ କଲେ । 1990 ମସିହା ଠାରୁ ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମ (UNDP) (United Nations Development Programme) ପ୍ରତିବର୍ଷ (Human Development Index) (HDI) ମାନବ ବିକାଶର ସୂଚକର ଗଣନା କରି ମାନବ ବିକାଶ ଚିଠା (Human Development Report) (HDR) ପ୍ରସ୍ତୁତ କରି ଆସୁଛି । ଏହି ସୂଚକକୁ ଅର୍ଥନୀତିକ ବିକାଶର ସର୍ବାଧୁନିକ ପରିମାପକ ଭାବେ ଗ୍ରହଣ କରାଯାଏ । ଏହି ଚିଠା ପ୍ରତ୍ୟେକ ବର୍ଷ ପ୍ରକାଶିତ ହୁଏ । ଏଥିରେ ପୃଥିବୀର ସବୁଦେଶକୁ ତିନୋଟି ଶ୍ରେଣୀଭୁକ୍ତ କରାଯାଏ, ଯଥା :- ଉଚ୍ଚ, ମଧ୍ୟମ ଓ ନିମ୍ନ ।

ଏହି ଅଧ୍ୟାୟରେ ଆମେ ମାନବ ବିକାଶ ସୂଚକ ପ୍ରସ୍ତୁତିର ପ୍ରକ୍ରିୟା ତଥା ଅବଧାରଣା ବିଷୟରେ ଜାଣିବା । ତତ୍ ସହିତ ପୃଥିବୀର ଅନ୍ୟାନ୍ୟ ଦେଶ ତୁଳନାରେ ଭାରତର ସ୍ଥାନ ସମ୍ବନ୍ଧରେ ମଧ୍ୟ ଜାଣିବା । ମାନବ ବିକାଶ ସୂଚକ ଆଧାରରେ ଭାରତର ବିଭିନ୍ନ ରାଜ୍ୟମାନଙ୍କର ସ୍ଥିତି ସମ୍ବନ୍ଧରେ ମଧ୍ୟ ବିଶ୍ଳେଷଣ କରିବା । ପରିଶେଷରେ ଆମଦେଶରେ ମାନବ ବିକାଶ ପାଇଁ ନୂତନ ପଦକ୍ଷେପ ପ୍ରସ୍ତୁତ କରିବା ।

## ଉଦ୍ଦେଶ୍ୟ

ଏହି ଅଧ୍ୟାୟଟି ପଠନ ପରେ ତୁମେମାନେ :

- 'ମାନବ ବିକାଶ' ଶବ୍ଦକୁ ବୁଝାଇପାରିବ;
- 'ମାନବ ବିକାଶ ସୂଚକ' (HDI)ର ପରିଭାଷା ବର୍ଣ୍ଣନା କରିପାରିବ;
- ଭାରତର ବିଭିନ୍ନ ରାଜ୍ୟରେ ମାନବ ବିକାଶ ସୂଚକର ଆଞ୍ଚଳିକ ପ୍ରତିରୂପ ବର୍ଣ୍ଣନା କରିପାରିବ;
- ଭାରତରେ ମାନବ ବିକାଶ ସୂଚକର ଉନ୍ନତିର ଆବଶ୍ୟକତା ସମ୍ବନ୍ଧରେ ଆଲୋକପାତ କରିପାରିବ;

## 28.1 ମାନବ ବିକାଶ ସୂଚକ (Human Development Index - HDI)

ମାନବ ବିକାଶ ସୂଚକ ଏକ ସଂଯୁକ୍ତ ସୂଚକ ଅଟେ ଯାହାଦ୍ୱାରା କୌଣସି ଦେଶର ହାରାହାରି ଉପଲବ୍ଧିକୁ ମାନବ ବିକାଶର ତିନୋଟି ଉପାଦାନ ଆଧାରରେ ମପାଯାଏ । ଏହି ତିନୋଟି ଉପାଦାନ ଯଥାକ୍ରମେ –


1. ଜନ୍ମ ସମୟରେ ଆୟୁ ସମ୍ଭାବନା (Life Expetancy) ଦ୍ୱାରା ଦୀର୍ଘ ଓ ସୁସ୍ଥ ଜୀବନ ମାପ କରାଯାଏ ।
2. ପୌଢ଼ ସାକ୍ଷରତା ହାର (Literacy Rate) ଦ୍ୱାରା ଜ୍ଞାନ ମପାଯାଏ ।
3. ଦେଶର ମୋଟ୍ ଘରୋଇ ଉତ୍ପାଦ (GDP) ଏବଂ ମୁଣ୍ଡିପିଛା କ୍ରୟକ୍ଷମତା ( ଆମେରିକୀୟ ଡଲାରରେ) ଆଧାରରେ ଏକ ଶାଳୀନ ତଥା ଶିଷ୍ଟ ଜୀବନ ବଞ୍ଚିବାର ମାପ କରାଯାଏ । ଏହାକୁ କ୍ରୟ ଶକ୍ତି ସମରୂପତା (Purchasing Power Parity) (PPP) କୁହାଯାଏ ।

ଏହି ସୂଚକ ଗଠନ କରିବାର ମୂଳ ଉଦ୍ଦେଶ୍ୟ କେବଳ ମାନବ ବିକାଶର ଏକ ସମ୍ପୂର୍ଣ୍ଣ ଚିତ୍ର ପ୍ରଦାନ କରିବା ନୁହେଁ । ବରଂ ବିକାଶର ଚିରାଚରିତ ମାପକାଠି ଆୟକୁ ଛାଡ଼ି ବିକାଶର ସର୍ବାଧୁନିକ ପରିମାପକ ପ୍ରସ୍ତୁତ କରିବା । ମାନବ ବିକାଶର ପ୍ରମୁଖ କ୍ଷେତ୍ରରେ କ'ଣ କ'ଣ ଉପଲବ୍ଧି ହୋଇଛି ତାହା ପ୍ରଦର୍ଶନ କରିବା ସୂଚକର ଲକ୍ଷ୍ୟ । ଏହା ଏକ ପ୍ରକାର ବାରୋମିଟର ଯାହାଦ୍ୱାରା ମାନବ ବିକାଶର ପରିବର୍ତ୍ତନ ମପାଯାଏ ଏବଂ ବିଭିନ୍ନ ଅଂଚଳର ପ୍ରଗତି ସହ ତୁଳନା କରେ । ମାନବ ବିକାଶ ଅବଧାରଣାର ଆଧାର ମୁକ୍ତ ବିକାଶ । ମାନବ ବିକାଶର ଉଦ୍ଦେଶ୍ୟ ମାନବର କ୍ଷମତା, ସାମର୍ଥ୍ୟ ଏବଂ ମାନବୀୟ ଯୋଗ୍ୟତା ସୃଷ୍ଟି କରିବା ସହ ବୃଦ୍ଧି କରିବା । ବ୍ୟକ୍ତିଗତ ସ୍ୱାଧିନତା ଓ ଅଧିକାର ଗୁରୁତ୍ୱପୂର୍ଣ୍ଣ । କିନ୍ତୁ ଦାରିଦ୍ର୍ୟ, ଅସୁସ୍ଥତା, ନିରକ୍ଷରତା, ସାମାଜିକ ଭେଦଭାବ ଆଦି ଅନେକ କାରଣ ଯୋଗୁଁ ଲୋକଙ୍କର ସ୍ୱାତନ୍ତ୍ର୍ୟ ଓ ଅଧିକାର ସଂକୁଚିତ ହୋଇଯାଉଛି । ତେଣୁ 'ମାନବ ବିକାଶ ଚିଠା (HDR) –1990 ର ପ୍ରଥମ ସଂସ୍କରଣରେ ଲେଖକମାନେ ଉପରୋକ୍ତ ଉପାଦାନର ଆବଶ୍ୟକତା ତଥା ସେ ଉପାଦାନଗୁଡ଼ିକର ଅନୁପସ୍ଥିତିରେ ଅନେକ ସୁଯୋଗରୁ ବଂଚିତ ହେବା ବିଷୟ ଉଲ୍ଲେଖ କରିଛନ୍ତି । ତେଣୁ ଲୋକଙ୍କର ବିକଳ୍ପ ବୃଦ୍ଧିକରିବା, ଜୀବନରେ ସୁଧାର ତଥା ସାର୍ଥକତା ବିକଶିତ କରିବା ଏବଂ ଲୋକଙ୍କର କ୍ଷମତାର ନିର୍ମାଣ କରିବା ପ୍ରକ୍ରିୟାକୁ ମାନବ ବିକାଶ ରୂପେ ପରିଭାଷିତ କରଯାଇଛି । ଏହି ଲକ୍ଷ୍ୟକୁ ହାସଲ କରିବା ପାଇଁ ଆମକୁ ଆମ ବିକାଶର ପ୍ରକ୍ରିୟାକୁ ଏକ ନୂତନ ଢ଼ାଞ୍ଚାରେ ସୁନିଯୋଜିତ କରିବାକୁ ପଡ଼ିବ । ଯାହାଫଳରେ ବିକାଶ ପଛରେ ଲୋକଙ୍କୁ ଦୌଡ଼ିବାକୁ ପଡ଼ିବ ନାହିଁ, ବିକାଶ ଲୋକଙ୍କ ଚତୁର୍ଦ୍ଦିଗରେ ଘୂରିବୁଲିବ ।

ଆର୍ଥିକ ବିକାଶ ଓ ମାନବ ବିକାଶ ମଧ୍ୟରେ ମୂଳତଃ କିଛି ପାର୍ଥକ୍ୟ ଅଛି । ଆର୍ଥିକ ବିକାଶର ସମସ୍ତ ପ୍ରୟାସ 'ଆୟ' ବୃଦ୍ଧି କରିବାରେ ସଂକେନ୍ଦ୍ରୀତ । କିନ୍ତୁ ମଣିଷ ଜୀବନର ଆର୍ଥିକ, ସାମାଜିକ, ରାଜନୈତିକ ତଥା ସାଂସ୍କୃତିକ ବିକାଶ ଉପରେ ମାନବ ବିକାଶ ବିଶ୍ୱାସ କରେ । ଆର୍ଥିକ ବିକାଶରେ ମାନବ ବିକାଶ ଏକ ଆବଶ୍ୟକୀୟ ଉପାଦାନ ଅଟେ । କୌଣସି ଦେଶର ପ୍ରକୃତ ସମ୍ପତ୍ତି ତା'ର ମାନବ ସମ୍ବଳ । ତେଣୁ ମାନବ ସମ୍ବଳର ସର୍ବାଙ୍ଗୀନ ବିକାଶ ବିକାଶର ମୂଳଲକ୍ଷ୍ୟ ହେବା ଆବଶ୍ୟକ ।

ମାନବ ବିକାଶ ସୂଚକ ବ୍ୟତୀତ ମାନବ ବିକାଶର ଅନ୍ୟ ଚାରୋଟି ଉପାଦାନ ବଛାଯାଇ ମାନବ ବିକାଶ ଚିଠା (HDR) ଦ୍ୱାରା ବ୍ୟବହୃତ ହୋଇଛି । ସେଗୁଡ଼ିକ ଯଥାକ୍ରମେ : –

1. ବିକାଶଶୀଳ ଦେଶ ପାଇଁ ମାନବ–ଦାରିଦ୍ର୍ୟ ସୂଚକ (HPI -1)





2. ବଛା ବଛା DECD ଦେଶ ପାଇଁ ମାନବ-ଦାରିଦ୍ର୍ୟ ସୂଚକ (HPI - 2)
3. ଲିଙ୍ଗ- ଆଧାରିତ ବିକାଶ ସୂଚକ (GDI)
4. ଲିଙ୍ଗ- ସଶକ୍ତିକରଣ ଉପାୟ (GEM)

ପ୍ରଦତ୍ତ ଚାରୋଟି ସୂଚକରୁ HDI, HPI - 1 ଏବଂ GDI ର ହିସାବ ସମୟରେ ତିନୋଟି ଦିଗକୁ ବିଚାର କରାଯାଏ । ଯଥା : - (i) ଏକ ଦୀର୍ଘ ତଥା ସୁସ୍ଥ ଜୀବନ (ii) ଜ୍ଞାନ (iii) ଉନ୍ନତ ଜୀବନଧାରଣର ମାନ କିନ୍ତୁ କେତେକ ସୂଚକ ଏହି ଦିଗରୁ ଭିନ୍ନ ଅଟେ । ଆସ ଏହି ସୂଚକ ଗୁଡ଼ିକ ମଧ୍ୟରେ ଥିବା ସମାନତା ତଥା ଅସମାନତାକୁ ତଳେ ପ୍ରଦତ୍ତ ସାରଣୀରୁ ଜାଣିବା ।

**ସାରଣୀ ନଂ – 28.1 : HDI, HPI -1 ଏବଂ GDI ରେ ବ୍ୟବହୃତ ପରିସରଗୁଡ଼ିକର ଏକ ତୁଳନାତ୍ମକ ବିଶ୍ଳେଷଣ**

| କ୍ର.ନଂ | ପରିସର | HDI | HPI -1 | GDI |
|---|---|---|---|---|
| 1 | ଏକ ଦୀର୍ଘ ସୁସ୍ଥ ଜୀବନ | • ଜନ୍ମ ସମୟରେ ଆୟୁର ସମ୍ଭାବନା | • ଜନ୍ମ ସମୟରେ 40 ବର୍ଷ ଆୟୁ ଅତିକ୍ରମ କରିନପାରିବା ସମ୍ଭାବନା | • ଜନ୍ମ ସମୟରେ ଆୟୁର ସମ୍ଭବନା |
| 2 | ଜ୍ଞାନ | • ପୌଢ଼-ସାକ୍ଷରତା ହାର (୨/୩ ଅଙ୍କ ନିର୍ଦ୍ଧାରିତ)<br>• ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ସ୍ତରରେ ମୋଟ୍ ମିଳିତ ପଞ୍ଜୀକରଣ ( ୧/୩ ଅଙ୍କ ନିର୍ଦ୍ଧାରିତ) | • ପୌଢ଼ ସାକ୍ଷରତା ହାର<br>• ଶୁଦ୍ଧ ଜଳ ସ୍ରୋତ ଅଧିକାରରୁ ବଂଚିତ ଲୋକଙ୍କର ଅନୁପାତ | • ମିଳିତ ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ<br>• ସ୍ତରରେ ମୋଟ୍ ପଞ୍ଜୀକରଣର ଅନୁପାତ |
| 3 | ଉନ୍ନତ ଜୀବନ ଧାରଣର ମାନ | • ମିଳିତ ଘରୋଇ ଉତ୍ପାଦ (GDP) (ପ୍ରତି-ବ୍ୟକ୍ତି କ୍ରୟଶକ୍ତି ଆମେରିକୀୟ ଡଲାରରେ ) | • ଏକ ବର୍ଷ ବୟସରେ କମ୍ ଓଜନ ଥିବା ଶିଶୁଙ୍କର ପ୍ରତିଶତ | • ଅନୁମାନିତ ଅର୍ଜିତ ଆୟ (PPP)- ଆମେରିକୀୟ ଡଲାରରେ |

## 28.2 ମାନବ ବିକାଶ କାହିଁକି

ପଲ୍ ଷ୍ଟ୍ରେଟେନ୍, ଜଣେ ବିକାଶ ଅର୍ଥନୀତିଜ୍ଞଙ୍କ ମତରେ ମାନବ ବିକାଶର ଛଅଟି କାରଣ ରହିଛି । ଯଥା :-

1. ମାନବ ଅବସ୍ଥାରେ ଉନ୍ନତି ଏବଂ ନିଜକୁ ନିଜେ ବିକଶିତ କରିବା ପାଇଁ ଅଧିକରୁ ଅଧିକ ବିକଳ୍ପ ବୃଦ୍ଧି ।
2. ମାନବ ବିକାଶ ଉଚ୍ଚତର ଉତ୍ପାଦକତାର ଏକ ମାଧ୍ୟମ । ଏକ ସୁପୋଷିତ, ସୁସ୍ଥ ଶିକ୍ଷିତ ଏବଂ କୁଶଳୀ ତଥା ସଚେତନ ଶ୍ରମ ଶକ୍ତି ସର୍ବାଧିକ ଉତ୍ପାଦକ ସମ୍ପତ୍ତି ଅଟେ । ତେଣୁ ଉତ୍ପାଦକତା ଦୃଷ୍ଟିରୁ ଏ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ନ୍ୟାୟ ସଙ୍ଗତ ।
3. ଜନ ସଂଖ୍ୟା ବୃଦ୍ଧିର ହାର ହ୍ରାସ କରିବାରେ ଏହା ସହାୟକ ହୁଏ ।
4. ମାନବ ବିକାଶର ପ୍ରାକୃତିକ ପରିବେଶ ବନ୍ଧୁତ୍ୱପୂର୍ଣ୍ଣ ସଂପର୍କ ଅଛି । ଦାରିଦ୍ର୍ୟ ହ୍ରାସ ହେଲେ ଜଙ୍ଗଲକ୍ଷୟ, ମରୁସ୍ଥଳୀକରଣ, ମୃତ୍ତିକା କ୍ଷୟ ଆଦି ହ୍ରାସ ପାଏ ।
5. ଜୀବନ ଧାରଣ ମାନରେ ଉନ୍ନତି ଓ ଦାରିଦ୍ର୍ୟ ଦୂରୀକରଣ ଯୋଗୁଁ ଏକ ସୁସ୍ଥ ନାଗରିକ ସମାଜ ସୃଷ୍ଟିହୁଏ ଏବଂ ସାମାଜିକ ସ୍ଥିରତା ଆସେ ।





6. ମାନବ ବିକାଶ ସମାଜରେ ବିଶୃଙ୍ଖଳା ଦୂରକରିବାରେ ସାହାଯ୍ୟ କରେ ଏବଂ ରାଜନୈତିକ ସ୍ଥିରତା ବୃଦ୍ଧିକରେ ।

ତୁମେମାନେ ମାନବ ବିକାଶର ଗୁରୁତ୍ୱ ଉପଲବ୍ଧି କରିଥିବ । ବର୍ତ୍ତମାନ ଆମେ ମାନବ ବିକାଶ କ୍ଷେତ୍ରରେ ଅନ୍ତଃରାଷ୍ଟ୍ରୀୟ ସ୍ତରରେ ଭାରତର ସ୍ଥିତି ନିରୀକ୍ଷଣ କରିବା ଏବଂ ଭାରତରେ ମାନବ ବିକାଶର ସ୍ତର କମ୍ ହେବାର କାରଣ ଜାଣିବାକୁ ଚେଷ୍ଟା କରିବା ।

**28.3 ଭାରତ : ମାନବ ବିକାଶ ସୂଚକର ପ୍ରବୃତ୍ତି**

ମାନବ ବିକାଶ ଚିଠା (HDR) 2005 ଅନୁଯାୟୀ ପୃଥିବୀର 177 ଟି ଦେଶ ମଧ୍ୟରେ ଭାରତର ସ୍ଥାନ ଥିଲା 127 । 177 ଟି ଦେଶକୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି । ଯଥା ଉଚ୍ଚ, ମଧ୍ୟମ ଓ ନିମ୍ନ । ଯେଉଁ ଦେଶର ମାନବ ବିକାଶ ସୂଚକ 0.800 ଏବଂ ଏହାଠାରୁ ଅଧିକ, ସେଗୁଡ଼ିକୁ ଉଚ୍ଚ ବର୍ଗରେ ସାମିଲ୍ କରାଯାଏ । ଠିକ୍ ସେହିପରି HDI 0.500 ରୁ 0.799 ମଧ୍ୟରେ ଥିବା ଦେଶ ମଧ୍ୟମ ଏବଂ 0.500 ରୁ କମ୍ ଥିବା ଦେଶକୁ ନିମ୍ନ ବର୍ଗରେ ସାମିଲ୍ କରାଯାଏ । ମଧ୍ୟମ ବର୍ଗରେ ଥିବା ଦେଶଗୁଡ଼ିକ ମଧ୍ୟରେ ଭାରତର ସ୍ଥାନ ପ୍ରାୟତଃ ସବୁଠାରୁ ତଳେ । ଆମର ପଡ଼ୋଶୀ ଦେଶ ଚୀନ (85) ଶ୍ରୀଲଙ୍କା (93) ମାଲାଦ୍ୱୀପ (96 ) ଆଦି ଉପରେ ଅଛନ୍ତି । ଅନ୍ୟ ପଡ଼ୋଶୀ ଦେଶ ଯଥା ମିଆଁମାର (129), ଭୁଟାନ (134), ପାକିସ୍ଥାନ (135 ) ଏବଂ ନେପାଳ (136) ଆଦି ଭାରତର ଠିକ୍ ତଳେ ଅଛନ୍ତି । ଭାରତର ତଳେ ଥିବା ଅଧିକାଂଶ ଦେଶ ଆଫ୍ରିକାର ଏବଂ ଅଳ୍ପ କେତେକ ଦେଶ ଏସିଆ ମହାଦେଶର । ଯଦି ଆମେ ବିଗତ 30 ବର୍ଷର ସ୍ଥିତିକୁ ଦେଖିବା ତେବେ ଭାରତର ସ୍ଥିତିରେ ବହୁତ ଉନ୍ନତି ଘଟିଛି । (ସାରଣୀ 28.2 )

***ସାରଣୀ ନଂ 28.2 ଭାରତ : ମାନବ ବିକାଶ ସୂଚକର ପ୍ରବୃତ୍ତି (1975- 2005)***

| ବର୍ଷ | 1975 | 1980 | 1985 | 1990 | 1995 | 2000 | 2005 |
|---|---|---|---|---|---|---|---|
| ଭାରତ | 0.412 | 0.438 | 0.476 | 0.513 | 0.546 | 0.577 | 0.602 |

ଦେଶପାଇଁ ଏହି ପ୍ରଗତି କିନ୍ତୁ ଯଥେଷ୍ଟ ନୁହେଁ, ଫିଜି, ମଙ୍ଗୋଲିଆ ଓ ଟ୍ୟୁନିସିଆ ଭଳି ଏସିଆ ମହାଦେଶର ଅନେକ ଛୋଟ ଛୋଟ ଦେଶର ସ୍ଥାନ ଭାରତର ଉପରେ ରହିଛି । ତେଣୁ ମଧ୍ୟମ ବର୍ଗରେ ଶୀର୍ଷସ୍ଥାନରେ ଥିବା ଦେଶଗୁଡ଼ିକ ମଧ୍ୟରେ ଏକ ସ୍ଥାନ ହାସଲ କରିବାକୁ ଭାରତକୁ କଠିନ ପରିଶ୍ରମ କରିବାକୁ ପଡ଼ିବ । ଯଦି ବର୍ତ୍ତମାନର ଅବସ୍ଥା ଚାଲୁ ରହେ, ତେବେ ଉଚ୍ଚ ବର୍ଗରେ ପ୍ରବେଶ କରିବାକୁ ଆମକୁ ଆହୁରି 30 ବର୍ଷ ଲାଗିଯିବ । ତେଣୁ ଶିକ୍ଷା, ସ୍ୱାସ୍ଥ୍ୟ, ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ନିରବଚ୍ଛିନ୍ନ ପ୍ରଚେଷ୍ଟା ଆବଶ୍ୟକ । ମାନବ ବିକାଶରରେ ଭାରତ ନିମ୍ନସ୍ଥାନରେ ରହିବାର ଅନେକ କାରଣ ରହିଛି । ଯଥା :

(i) ଜନସଂଖ୍ୟାର ଦ୍ରୁତ ବୃଦ୍ଧି
(ii) ସଂଖ୍ୟାଧିକ ନିରକ୍ଷର ପ୍ରୌଢ଼ ଏବଂ ବିଦ୍ୟାଳୟରେ ପଞ୍ଜିକରଣରେ ନ୍ୟୁନତା
(iii) ବିଦ୍ୟାଳୟ ପରିତ୍ୟାଗ (Drop out) କରୁଥିବା ଛାତ୍ରସଂଖ୍ୟା ବୃଦ୍ଧି ।
(iv) ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ରରେ ସରକାରୀ ଅନୁଦାନ ଓ ଖର୍ଚ୍ଚରେ ନ୍ୟୁନତା
(v) ବହୁ ସଂଖ୍ୟକ କୁପୋଷିତ ଲୋକ ଓ କମ୍ ଓଜନ ଶିଶୁ
(vi) ନିମ୍ନମାନର ପରିମଳ ବ୍ୟବସ୍ଥା ଏବଂ ଜୀବନ ରକ୍ଷକ ଔଷଧ ମିଳିବାରେ ଅନିୟମିତତା

HDI ବ୍ୟତୀତ ଲିଙ୍ଗ ବିକାଶ ସୂଚକ (GDI) ଏବଂ ମାନବ ଦାରିଦ୍ର୍ୟ ସୂଚକ (HPI) କ୍ଷେତ୍ରରେ ମଧ୍ୟ ଭାରତର ସ୍ଥାନ ସନ୍ତୋଷଜନକ ନୁହେଁ । HDR - 2005 ଅନୁଯାୟୀ GDI କ୍ଷେତ୍ରରେ (140 ଟି ଦେଶ ମଧ୍ୟରେ) ଭାରତର ସ୍ଥାନ ୨୪ ଏବଂ HPI କ୍ଷେତ୍ରରେ (103 ଟି ଦେଶ ମଧ୍ୟରେ ) 58 ଥିଲା ।





## ପାଠ୍ୟଗତ ପ୍ରଶ୍ନ ୨୮.୧

1. 'ମାନବ ବିକାଶ ସୂଚକ' କହିଲେ କ'ଣ ବୁଝ ?
2. HDI ମାପିବାର 3 ଟି ପରିସର ଏବଂ ସମ୍ପୃକ୍ତ ସଂକେତ ଗୁଡ଼ିକର ନାମ ଲେଖ ।
   (i) ____________________
   (ii) ____________________
   (iii) ____________________
3. ମାନବ ବିକାଶ ଓ ଆର୍ଥିକ ବିକାଶ ମଧ୍ୟରେ ପାର୍ଥକ୍ୟ ଲେଖ ।
   ____________________
4. ବିକାଶଶୀଳ ଦେଶରେ ମାନବ ଦାରିଦ୍ର୍ୟ ସୂଚକ କିପରି ମପାଯାଏ ?
   (i) ____________________
   (ii) ____________________
   (iii) ____________________
5. ମାନବ ବିକାଶ ରିଠା 2005 ଅନୁଯାୟୀ ମାନବ ବିକାଶ ସୂଚକରେ ଭାରତର ସ୍ଥାନ କେତେ ? ଭାରତ ଠାରୁ ଉଚ୍ଚରେ ଥିବା ଦୁଇ ପଡ଼ୋଶୀ ଦେଶର ନାମ ଲେଖ ।
   ____________________
   ____________________
   ____________________

## 28.4 ସାମାଜିକ-ସାଂସ୍କୃତିକ ସୂଚକ

ଭାରତରେ ମାନବ ବିକାଶ ପାଇଁ ଦାୟୀ ବିଭିନ୍ନ ସାମାଜିକ-ସାଂସ୍କୃତିକ ସୂଚକ ମାନଙ୍କ ବିଷୟରେ ଆଲୋଚନା କରିବା । ଶିକ୍ଷା ଓ ସ୍ୱାସ୍ଥ୍ୟ ସାମାଜିକ ସୂଚକ ରୂପେ ଏବଂ ସାମାନ୍ୟ ଆର୍ଥିକ ସ୍ଥିତିକୁ ମୁଣ୍ଡପିଛା ଆୟ (Per Capita Income) ତଥା ଦାରିଦ୍ର୍ୟ ଭିତ୍ତିରେ ଆଲୋଚନା କରିବା ।

**ଭାରତରେ ସ୍ୱାସ୍ଥ୍ୟ ଅବସ୍ଥା :**

ମାନବ ବିକାଶର 3 ଟି ପରିସର ମଧ୍ୟରୁ ସ୍ୱାସ୍ଥ୍ୟ ଅନ୍ୟତମ । ଯଦିଓ ସ୍ୱାସ୍ଥ୍ୟ ଅନ୍ତର୍ଗତ 'ଜନ୍ମ ସମୟରେ ଆୟୁର ସମ୍ଭାବନା' ପ୍ରଥମ ସୂଚକ ଅଟେ ତଥାପି ଅନ୍ୟ ଜନସାଂଖ୍ୟିକ ସୂଚକ ଯଥା ଜନ୍ମହାର, ମୃତ୍ୟୁହାର ମୋଟ୍ ପ୍ରଜନନ କ୍ଷମତାହାର ଶିଶୁ ମୃତ୍ୟୁହାର ଆଦି ସଂପର୍କରେ ପରିଚିତ ହେବା ଆବଶ୍ୟକ । ଏହାଛଡ଼ା ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୁବିଧା ସୁଯୋଗ ଯଥା ଡାକ୍ତରଖାନା, ଔଷଧାଳୟ, ଡାକ୍ତରଖାନାର ଖଟ ସଂଖ୍ୟା, ଡାକ୍ତର ଓ ନର୍ସଙ୍କ ସଂଖ୍ୟା ଇତ୍ୟାଦିରୁ ଦେଶରେ ଉପଲବ୍ଧ ସ୍ୱାସ୍ଥ୍ୟସେବାର ସ୍ଥିତିର ସମ୍ପୂର୍ଣ୍ଣ ଧାରଣା କରାଯାଏ । ସ୍ୱାଧୀନତା ପରଠାରୁ ନିଶ୍ଚିତ ଭାବରେ ଦେଶରେ ସ୍ୱାସ୍ଥ୍ୟାବସ୍ଥାର ବ୍ୟାପକ ଉନ୍ନତି ହୋଇଛି । ଭାରତରେ ବର୍ତ୍ତମାନ ମହତ୍ତ୍ୱପୂର୍ଣ୍ଣ ଜନସାଂଖ୍ୟିକ ପରିବର୍ତ୍ତନ ହୋଇଛି ଏବଂ ସଂକ୍ରାମକ ରୋଗ ସୃଷ୍ଟି ହୋଇଛି । ମାତ୍ର ସଂକ୍ରାମକ ରୋଗ ନିୟନ୍ତ୍ରଣରେ ଭାରତ ସଫଳ ହୋଇଛି । ତଥାପି ମସ୍ତିଷ୍କ-ଜ୍ୱର, ଏଡସ୍ ପରି ସଂକ୍ରାମକ ରୋଗ ଆଦି ମଧ୍ୟ ଦେଶପାଇଁ ଚିନ୍ତାର କାରଣ । ମୃତ୍ୟୁହାର ହ୍ରାସ





ଜୀବନ ପ୍ରତ୍ୟାଶା (ଜନ୍ମ ସମୟରେ ଆୟୁର ସମ୍ଭାବନା) ବୃଦ୍ଧି ଏବଂ ଜୀବନଶୈଳୀରେ ବ୍ୟାପକ ପରିବର୍ତ୍ତନ ଯୋଗୁଁ ଉଚ୍ଚରକ୍ତ ଚାପ, ହୃଦ୍‌ରୋଗ, କ୍ୟାନ୍‌ସର, ମୋତିଆବିନ୍ଦୁ, ମଧୁମେହ ଆଦି ରୋଗ ବୃଦ୍ଧି ପାଇବାରେ ଲାଗିଛି । ଉପରୋକ୍ତ ରୋଗ ମଧ୍ୟରୁ HIV/AIDS ସବୁଠାରୁ ଚିନ୍ତାଜନକ । କାରଣ ଏପର୍ଯ୍ୟନ୍ତ ଏ ରୋଗର ଚିକିତ୍ସା ସମ୍ଭବ ନୁହେଁ । 2005 ମସିହା ଡିସେମ୍ବର ସୁଦ୍ଧା ଭାରତରେ ପ୍ରାୟ 5.206 ମିଲିୟନ୍ HIV/AIDS ରୋଗୀ ଥିଲେ । ତେଣୁ ଆଫ୍ରିକା ପରେ (ଏଡ୍‌ସ୍ ଆକ୍ରାନ୍ତ ଦେଶମାନଙ୍କ ମଧ୍ୟରେ) ଭାରତର ସ୍ଥାନ ଦ୍ୱିତୀୟ । ଅଧୁନ UNAIDS ହିସାବ ଅନୁଯାୟୀ ଭାରତର AIDS ରୋଗୀଙ୍କ ସଂଖ୍ୟା ଆଫ୍ରିକା ଠାରୁ ମଧ୍ୟ ଅଧିକ । ଭାରତର ବିଶାଳ ଜନସଂଖ୍ୟା (ବିଶେଷ ଭାବେ ପ୍ରଜନନଶୀଳ ଆୟୁ ବର୍ଗ 15 -49 ବର୍ଷ ମଧ୍ୟରେ ) ଯୋଗୁଁ ଏପରି ଘଟିଛି । ପୂର୍ବପାଠରେ ପ୍ରଦତ୍ତ ସାରଣୀ ନଂ 27.3 ରେ ଦର୍ଶାଯାଇଥିବା ମୋଟ୍ ଜନସଂଖ୍ୟାକୁ ଦେଖି ଏହି ଆୟୁବର୍ଗରେ HIV/AIDS ପୀଡ଼ିତ ସଂଖ୍ୟା ଜାଣିବାକୁ ଚେଷ୍ଟାକର । ଆମେ ଯଦି ଏହି ଯୁବବର୍ଗକୁ HIV ମୁକ୍ତ ରଖିବାକୁ ଚାହୁଁ, ତେବେ ଆମକୁ ଜୀବନ ବଞ୍ଚିବାର କୌଶଳ ପରିବର୍ତ୍ତନ ସହ ନିମ୍ନଲିଖିତ ଉପାୟରେ ସଚେତନ ରହିବାକୁ ହେବ ।

- ନିଜକୁ ବୁଝିବା ସହ ନିଜ ଭିତରେ ସକାରାତ୍ମକ ଚିନ୍ତାଧାରା ରଖ ଏବଂ ନିଜ ଉପରେ ବିଶ୍ୱାସ ରଖ । ନିଜ ଭିତରେ ଥିବା ଦୋଷ-ଦୁର୍ବଳତା ଜାଣିବା ସହ ନିଜର ଶକ୍ତିକୁ ମଧ୍ୟ ଜାଣ । ନିଜର ଆତ୍ମ ସମ୍ମାନ ଓ ଆତ୍ମବିଶ୍ୱାସ ବଜାୟ ରଖ ।
- ସକାରାତ୍ମକ ଭାବନା ରଖି କାର୍ଯ୍ୟକର । ଅନୁଭୂତିରୁ ଶିକ୍ଷା କରିବା ପାଇଁ ସଦା ପ୍ରସ୍ତୁତ ରୁହ । ଅନୁଭୂତି ସୁଖଦ ହେଉ ବା ଦୁଃଖଦ ସେଥିପାଇଁ ଚିନ୍ତା କରନାହିଁ ।
- କୌଣସି ଜଟିଳ ପରିସ୍ଥିତି ଆସିଲେ ବ୍ୟସ୍ତ ବିବ୍ରତ ନହୋଇ ଏହାର କାରଣ ଖୋଜିବାକୁ ଚେଷ୍ଟାକର । ସମସ୍ୟା ସମାଧାନର ସର୍ବଶ୍ରେଷ୍ଠ ଉପାୟ ଖୋଜି ବାହାର କର ଓ ତା'କୁ କାର୍ଯ୍ୟରେ ଲଗାଅ ।
- ନିଜ ସମସ୍ୟାକ ନେଇ ଅନ୍ୟ ସହ ଆଲୋଚନା କର ଏବଂ ଆବଶ୍ୟକ ସମୟରେ ଅନ୍ୟର ସାହାଯ୍ୟ ନେବାକୁ ଚେଷ୍ଟା କର ।
- ଏକ ସୁସ୍ଥ ଜୀବନ ଶୈଳୀ ଗ୍ରହଣ କର ।
- ସର୍ବଦା ଦାୟୀତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ଚେଷ୍ଟାକର ।
- ବିଶ୍ୱସନୀୟ ସୂତ୍ରରୁ ସୂଚନା ପାଇବାକୁ ଚେଷ୍ଟାକର ଏବଂ ତଦନୁସାରେ ନିଜର ବିକଳ୍ପ ତଥା ନିଷ୍ପତ୍ତିକୁ କାର୍ଯ୍ୟକାରୀ କର ।
- ତୁମେ ଗ୍ରହଣ କରିବାକୁ ଥିବା ନିଷ୍ପତ୍ତି ତଥା କାର୍ଯ୍ୟର ପରିଣତି କଥା ଭଲ ଭାବରେ ଚିନ୍ତାକର । ତରବରିଆ ଭାବେ କିମ୍ବା ଭାବାବେଗରେ କୌଣସି କାର୍ଯ୍ୟକର ନାହିଁ ।
- ଅନ୍ୟର ଅଭିଜ୍ଞତାରୁ ଶିଖିବାକୁ ଚେଷ୍ଟାକର । ଅନ୍ୟର ଭୂଲ୍‌ରୁ ଶିକ୍ଷା ପ୍ରାପ୍ତ କରି ନିଜକୁ ଲାଭାନ୍ୱିତ କରାଅ ।
- କୌଣସି ମାନସିକ ଚାପ ସୃଷ୍ଟିହେଲେ ନିଜର ପିତାମାତା, ଶିକ୍ଷକ, ବନ୍ଧୁ କିମ୍ବା ସୁପରାମର୍ଶଦାତାଙ୍କ ସହ ଆଲୋଚନା କରି ଚାପମୁକ୍ତ ହେବାର ପଥ ନିଜେ ପରିଷ୍କାର କର ।
- ସାଙ୍ଗମାନେ କୁକାର୍ଯ୍ୟରେ ଲିପ୍ତ କରାଇବାକୁ ଚେଷ୍ଟା କଲେ, ସେଥିପାଇଁ 'ନାହିଁ' କହିବାକୁ ସାହାସ ସୃଷ୍ଟିକର ।
- HIV / AIDS ( PLWHA) ଆକ୍ରାନ୍ତ ବ୍ୟକ୍ତିମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହେବା ସହ ଯତ୍ନଶୀଳ ହୁଅ ।
- ପ୍ରଜନନଶୀଳ ସ୍ୱାସ୍ଥ୍ୟ (Reproductive Health) ପରି ସମ୍ବେଦନଶୀଳ ସନ୍ଦର୍ଭ ଉପରେ ଉଚିତ୍ ପରାମର୍ଶ ନିଅ ।





**ସାରଣୀ ନଂ 28.3 : ଭାରତ : ମନୋନୀତ ସ୍ୱାସ୍ଥ୍ୟ ସଂକେତକ (1951-2003)**

| କ୍ର.ନଂ | ସଂକେତକ | 1951 | 2003 |
|---|---|---|---|
| 1 | ଜନ୍ମହାର (ହଜାରେ ପିଛା) | 40.8 | 24.8 |
| 2. | ମୃତ୍ୟୁହାର (ପ୍ରତି ହଜାରେ ପିଛା) | 25.1 | 8.0 |
| 3. | ଶିଶୁ ମୃତ୍ୟୁହାର (ନବ ଜାତ) (ଜନ୍ମ ନେଉଥିବା ବା ପ୍ରତି ହଜାର ପିଛା) | 146 (1951 - 61) | 60 |
| 4. | ଶିଶୁ (0-4 ବର୍ଷ ମଧ୍ୟରେ) ମୃତ୍ୟୁହାର (ପ୍ରତି ହଜାର ଶିଶୁ ପିଛା) | 57.3 | 17.8 (2002) |
| 5. | ମୋଟ୍ ପ୍ରଜନନଶୀଳ ହାର | 6.0 | 3.0 (2001) |
| 6. | ଜନ୍ମ ସମୟରେ ଆୟୁ ସମ୍ଭାବନା (ପୁରୁଷ) ( ନାରୀ ) | 37.2 36.2 | 63.9 (2001-06) 66.9 (2001-06) |

ଉପରୋକ୍ତ ସାରଣୀର ଉପଯୁକ୍ତ ଅନୁଧ୍ୟାନରୁ ଜାଣିପାରିବ ଯେ ପ୍ରତ୍ୟେକ ସ୍ୱାସ୍ଥ୍ୟ ସଂକେତକରେ ଆଖିଦୃଷ୍ଟିଆ ଉନ୍ନତି ହୋଇଛି । ତଥାପି ଜନ୍ମହାର, ନବଜାତ ଶିଶୁ ମୃତ୍ୟୁହାର ଓ ମୋଟ୍ ପ୍ରଜନନଶୀଳତା ହାରର ହ୍ରାସ କ୍ଷେତ୍ରରେ ଆମର ଲକ୍ଷ୍ୟ ପୂରଣ ହୋଇନାହିଁ । ତେଣୁ ସ୍ୱାସ୍ଥ୍ୟସେବା ପ୍ରାୟତଃ ବନ୍ଦ ହୋଇଯାଇଥିବା ନିପଟ ଗ୍ରାମାଞ୍ଚଳରେ ଶତତ ପ୍ରଚେଷ୍ଟା ଦ୍ୱାରା ସ୍ୱାସ୍ଥ୍ୟ ସେବା ପ୍ରଦାନ କରାଯିବ ଅତ୍ୟନ୍ତ ପ୍ରୟୋଜନୀୟ । ପ୍ରକୃତରେ ଦେଶରେ ଉପଲବ୍ଧ ସ୍ୱାସ୍ଥ୍ୟସେବା ସୁଯୋଗ ଅତି ଉନ୍ନତ ଶ୍ରେଣୀର ।

**ସାରଣୀ ନଂ 28.4 : ଭାରତରେ ସ୍ୱାସ୍ଥ୍ୟସେବା ସୁଯୋଗ 1951-2004**


| କ୍ର.ନଂ | ସୁବିଧା ସୁଯୋଗ | 1951 | 2003 |
|---|---|---|---|
| 1 | ଉପକେନ୍ଦ୍ର, ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର | 725 | 1,68, 986 |
| 2 | ଡାକ୍ତରଖାନା ଓ ଔଷଧାଳୟ | 9, 209 | 38, 031 (2002) |
| 3. | ଶଯ୍ୟା (ବ୍ୟକ୍ତିଗତ ଓ ସରକାରୀ) | 1, 17,198 | 9, 14, 543 (2002) |
| 4. | ନର୍ସ ଓ ସହଯୋଗୀ କର୍ମଚାରୀ | 18, 054 | 8, 36, 000 |
| 5. | ଡାକ୍ତର ( ଆଧୁନିକ ଶିକ୍ଷା ସଂପନ୍ନ) | 61, 800 | 6, 25,131 |

ବିଗତ 50 ବର୍ଷ ମଧ୍ୟରେ (1951 - 2001) ଜନସଂଖ୍ୟା 36,10 କୋଟିରୁ ବୃଦ୍ଧିପାଇଁ 102, 70 କୋଟିରେ ପହଞ୍ଚିଛି । ଠିକ୍ ସେହିପରି ରୋଗୀସଂଖ୍ୟା ସହ ଜନ୍ମ, ଜନ୍ମ ସମୟରେ ମା'ର ଯତ୍ନ ଭଳି ସମସ୍ୟା ମଧ୍ୟ ବହୁ ପରିମାଣରେ ବୃଦ୍ଧି ପାଇଛି । ତେଣୁ ସ୍ୱାସ୍ଥ୍ୟସେବାର ଚାହିଦା ଓ ସେବା ପ୍ରଦାନ ମଧ୍ୟରେ ଏକ ବିରାଟ ଫାଟ ସୃଷ୍ଟି ହୋଇଛି । ଯଦି ଆମେ ଚିକିତ୍ସା ସୁବିଧାର ବିତରଣ ଉପରେ ନଜର ପକାଇବା, ତେବେ ଦେଖିବା ଦେଶର ବଡ଼ ନଗର ଓ ସହର ମଧ୍ୟରେ ସ୍ୱାସ୍ଥ୍ୟ ସେବା (ଚିକିତ୍ସା ସୁବିଧା ) ସଂକେନ୍ଦ୍ରୀତ ହୋଇଯାଇଛି । ତେଣୁ ଏହି ତୀବ୍ର ଅସମାନତାକୁ ହ୍ରାସ

କରିବା ଲକ୍ଷ୍ୟ ନେଇ କେନ୍ଦ୍ର ସରକାର ଏକ ମହତ୍ତ୍ୱାକାଂକ୍ଷୀ ଯୋଜନା ଆରମ୍ଭ କରିଛନ୍ତି । ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (National Rural Health Mission) (NRHM) ନାମରେ ଏହି ଯୋଜନା 7 ବର୍ଷ ଅବଧି ପାଇଁ 2005 ମସିହା ଏପ୍ରିଲ୍ 12 ତାରିଖରେ ଆରମ୍ଭ ହୋଇଛି । ଏହାଛଡ଼ା ଶିଶୁ ଓ ମା'ର ସ୍ୱାସ୍ଥ୍ୟ ସୁରକ୍ଷା ନିମନ୍ତେ ଜନନୀ ସୁରକ୍ଷା ଯୋଜନା (JSY) ବାଳିକା ସମୃଦ୍ଧି ଯୋଜନା (BSX) ଏବଂ କିଶୋରୀ ଶକ୍ତି ଯୋଜନା ଭଳି କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି ।

**ସାରଣୀ 28.5 : ରାଷ୍ଟ୍ରୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (NRHM)**

| NRHM ର ଦୃଷ୍ଟି | ନିର୍ଦ୍ଦିଷ୍ଟ ଲକ୍ଷ୍ୟ ପରିଣାମ |
|---|---|
| ◆ ଦୁର୍ବଳ ଜନସ୍ୱାସ୍ଥ୍ୟ ସଂକେତକ ତଥା ଦୁର୍ବଳ ଆଧାରିକ ସଂରଚନା ବିଶିଷ୍ଟ 18 ଟି ରାଜ୍ୟ ସହ ସମଗ୍ର ଦେଶରେ ଲାଗୁ କରିବା । | ◆ 2012 ସୁଦ୍ଧା ନବଜାତ ଶିଶୁ ମୃତ୍ୟୁହାର (ପ୍ରତି ଏକ ହଜାର ଜୀବିତ ନବଜାତ ଶିଶୁରେ)କୁ ଶୂନ ସ୍ତରକୁ ଆଣିବା । |
| ◆ ସ୍ୱାସ୍ଥ୍ୟ ସେବାରେ ଉନ୍ନତି ସହ ସମସ୍ତଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବା । | ◆ 2012 ସୁଦ୍ଧା IMR (ନବଜାତ ଶିଶୁ ମୃତ୍ୟୁ) ପ୍ରତି 10 ଲକ୍ଷରେ 100 ପର୍ଯ୍ୟନ୍ତ ଆଣିବାକୁ ଚେଷ୍ଟା କରିବା । |
| ◆ ସ୍ୱାସ୍ଥ୍ୟସେବା ଏବଂ ଉତ୍ତମ ସ୍ୱାସ୍ଥ୍ୟ ନିର୍ଦ୍ଧାରଣ କରୁଥିବା କାରକ ଯଥା : ପୋଷକ ତତ୍ତ୍ୱ, ପରିମଳ, ସ୍ୱଚ୍ଛତା ଏବଂ ବିଶୁଦ୍ଧ ପାନୀୟଜଳ ମଧ୍ୟରେ ସକ୍ରିୟାତ୍ମକ ସଂପର୍କ ସୃଷ୍ଟି କରିବା । | ◆ 2012 ଶେଷ ସୁଦ୍ଧା ମୋଟ୍ ପ୍ରଜନନ ଶୀଳତାର ହାରକୁ 2.1 ପର୍ଯ୍ୟନ୍ତ ହ୍ରାସ କରିବା ।<br>◆ ମ୍ୟାଲେରିଆ ମୃତ୍ୟୁସଂଖ୍ୟା 2012 ଶେଷ ସୁଦ୍ଧା 50% ଓ 2012 ସୁଦ୍ଧା 60% ହ୍ରାସ କରିବା । |
| ◆ ଭାରତୀୟ ଚିକିତ୍ସା ପଦ୍ଧତିକୁ ଠିକ୍ ରାସ୍ତାକୁ ଆଣି ତା'କୁ ବ୍ୟାପକ କରିବା । ଯେପରି ସ୍ୱାସ୍ଥ୍ୟ ସେବା ସରଳ, ସୁଲଭ ଓ ସମସ୍ତଙ୍କ ନିକଟତର ହୋଇପାରିବ । | ◆ କାଳାଜ୍ୱର ଜନିତ ମୃତ୍ୟୁର 2010 ସୁଦ୍ଧା ସମୂଳ ବିନାଶ କରିବା । |
| ◆ ସ୍ୱାସ୍ଥ୍ୟ ପ୍ରଦାନକାରୀ ସେବାକୁ ବ୍ୟାପକ କରିବା । ଯାହାଫଳରେ ବୃଦ୍ଧି କରାଯାଇଥିବା ବିନିଯୋଜିତ ଆବଣ୍ଟନର ଉପଯୁକ୍ତ ବିନିଯୋଗ ହୋଇପାରିବ । | ◆ ଫାଇଲେରିଆ ରୋଗକୁ 2010 ସୁଦ୍ଧା 70% ,2012 ସୁଦ୍ଧା 80% ଓ 2015 ସୁଦ୍ଧା ସମ୍ପୂର୍ଣ୍ଣ ସମାପ୍ତ କରିବା ।<br>◆ 2010 ସୁଦ୍ଧା ଡେଙ୍ଗୁ ମୃତ୍ୟୁକୁ 50% କମାଇବା ଏବଂ ଏହି ସ୍ତରରେ 2012 ପର୍ଯ୍ୟନ୍ତ ଲଗାତାର ରଖିବା । |
| ◆ ଯୋଜନା ପ୍ରକ୍ରିୟାରେ ଗୋଷ୍ଠୀକୁ ସାମିଲ୍ କରିବା । | |
| ◆ ଆଧାରିକ ସଂରଚନାର ଉନ୍ନତି କରିବା । | ◆ ପ୍ରତି ବର୍ଷ ମୋତିଆ ବିନ୍ଦୁ ଅସ୍ତ୍ରୋପଚାର 46 ଲକ୍ଷକୁ ବୃଦ୍ଧି କରିବା । |
| ◆ କ୍ଷମତା ବିକାଶ ବୃଦ୍ଧିରେ ସହାୟତା କରିବା । | ◆ କୁଷ୍ଠ ବ୍ୟାପିବାକୁ 2005 ସୁଦ୍ଧା 1.8 ବ୍ୟକ୍ତି ପ୍ରତି 10 ହଜାର ଏବଂ ପରେ 1 ବ୍ୟକ୍ତି 10 ହଜାରକୁ ଆଣିବା ଲକ୍ଷ୍ୟ । |
| ◆ ସ୍ୱାସ୍ଥ୍ୟକ୍ଷେତ୍ରରେ ପୁଞ୍ଜି ବିନିଯୋଗ ବୃଦ୍ଧି କରିବା । | ◆ TB-DOTS ମିଶନ କାଳରେ 85% ଲୋକଙ୍କୁ ରୋଗମୁକ୍ତ କରିବା । |





### ଜ୍ଞାନ ସୂଚକ :

ଜ୍ଞାନ ଏପରି ଏକ ଶକ୍ତି ଯାହା ମନୁଷ୍ୟଙ୍କୁ ବିଭିନ୍ନ ଦିଗରୁ ଶକ୍ତିସଂପନ୍ନ କରେ । ବିଜ୍ଞ ବ୍ୟକ୍ତି ଆର୍ଥିକ ଦୃଷ୍ଟିକୋଣରୁ ଆତ୍ମନିର୍ଭରଶୀଳ ହେବା ସହ ଅନେକ ବିକଳ୍ପ ମଧ୍ୟରୁ ନିଜପାଇଁ ଉପଯୁକ୍ତ ବିକଳ୍ପକୁ ବାଛି ପ୍ରଗତି ପଥରେ ଆଗେଇପାରେ । ଆଜିର ସମାଜ ତୀବ୍ରଗତିରେ ଏକ ଜ୍ଞାନମୟ ସମାଜ ଆଡ଼କୁ ଆଗେଇ ଚାଲିଛି ।  ତେଣୁ ସମାଜର ଅଧିକାଂଶ ଲୋକ ଜ୍ଞାନ ଆଧାରିତ ଅର୍ଥ ବ୍ୟବସ୍ଥା ଉପରେ ନିଜର ଜୀବନଯାପନ କରୁଛନ୍ତି । ସୁତରାଂ ଜ୍ଞାନକୁ ମାନବ ବିକାଶର ଏକ ଅଭିନ୍ନ ଅଙ୍ଗ ବୋଲି ବିବେଚନା କରାଯାଏ । ତତ୍ ସହିତ ମାନବ ବିକାଶର ଏକ ମହତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶକ ରୂପେ ପ୍ରତିଷ୍ଠିତ କରାଯାଇଛି । ଜ୍ଞାନ ମଣିଷର ଗୁଣାତ୍ମକ ବିକାଶ କରାଏ । ତେଣୁ ଜ୍ଞାନର ପରିସର ଅନେକ ମାନବ ବିକାଶ ସୂଚକରେ ଜ୍ଞାନର ଦୁଇଟି ପରିସରକୁ ବିଚାରକୁ ନିଆଯାଇଛି । ଯଥା: (i) ପୌଢ଼ ଶିକ୍ଷା ହାର (ii) ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ସ୍ତରରେ ମୋଟ୍ ପଞ୍ଜୀକରଣ କରିଥିବା ଛାତ୍ରଙ୍କ ଅନୁପାତ ।

ତେଣୁ ଏଠାରେ ଆମେ ବିଶେଷ ଭାବେ ପୌଢ଼ ସାକ୍ଷରତା ଉପରେ ଆଲୋଚନା କରିବା । କାରଣ ମାନବ ବିକାଶ କାରକ ଗୁଡ଼ିକ ମଧ୍ୟରେ ଜ୍ଞାନ ପ୍ରମୁଖ ଅଟେ ଏବଂ ଏହାର ମାପଦ୍ୱାରା ସାକ୍ଷରତା ଏକ ମହତ୍ତ୍ୱପୂର୍ଣ୍ଣ ସୂଚକ ରୂପେ ବିନିଯୋଗ ହୁଏ । National Sample Survey Organisation ( NSSO) ର 52 ତମ ବୈଠକ (1995-96) ଏବଂ କିଛି ନିର୍ବାଚିତ ଶୈକ୍ଷିକ ପରିସଂଖ୍ୟାନ (1997-98)ର ଚିଠା ଅନୁଯାୟୀ 54.38% ପୌଢ଼ ସାକ୍ଷର ଅଟନ୍ତି । HDR -2005 ଅନୁଯାୟୀ 2003 ରେ ଭାରତର ପୌଢ଼ ସାକ୍ଷରତା 61.0% ଥିଲା । କିନ୍ତୁ ଯଦି ରାଜ୍ୟସ୍ତରୀୟ ବିଶ୍ଳେଷଣ କରାଯାଏ, ତେବେ କୌଣସି ବିଶେଷ ପରିବର୍ତ୍ତନ ଦେଖାଯାଏ ନାହିଁ ।

ମାତ୍ର ଆଂଚଳିକ ସ୍ତରରେ ପୌଢ଼ ସାକ୍ଷରତାରେ ପାର୍ଥକ୍ୟ ରହିଛି । ବିହାର (ଝାଡ଼ଖଣ୍ଡ ସହ), ରାଜସ୍ଥାନ, ଉତ୍ତର ପ୍ରଦେଶ (ଉତ୍ତରାଞ୍ଚଳ ସହ) ଅରୁଣାଚଳ ପ୍ରଦେଶ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ (ଛତିଶଗଡ଼ ସହ), ଜାମ୍ମୁ-କାଶ୍ମୀର ଓ ଓଡ଼ିଶାରେ ପୌଢ଼ ସାକ୍ଷରତା ହାର ଜାତୀୟ ସ୍ତରଠାରୁ କମ୍ । ତେଣୁ ଏସବୁ ରାଜ୍ୟରେ ପୌଢ଼ ସାକ୍ଷରତା ହାର ବୃଦ୍ଧିହେବାର ଆବଶ୍ୟକତା ଅଛି ।

### ମୋଟ୍ ପଞ୍ଜୀକରଣ ଅନୁପାତ

ଏକ ନିର୍ଦ୍ଦିଷ୍ଟ ଆୟୁବର୍ଗର ଶିକ୍ଷାର୍ଥୀ ଯେଉଁମାନଙ୍କର ବୟସ ଅନୁଯାୟୀ ଉପଯୁକ୍ତ ଶ୍ରେଣୀରେ ନାମ ପଞ୍ଜୀକରଣ ହେବା କଥା ଏବଂ ପ୍ରକୃତରେ ନାମ ପଞ୍ଜୀକରଣ କରିଥିବା ଛାତ୍ରଙ୍କ ସଂଖ୍ୟାର ଅନୁପାତକୁ ମୋଟ୍ ପଞ୍ଜୀକରଣ ଅନୁପାତ କୁହାଯାଏ । ବେଳେବେଳେ GER 100% ରୁ ଅଧିକ ହୋଇଥାଏ । ଏକ ନିର୍ଦ୍ଦିଷ୍ଟ ଶ୍ରେଣୀରେ କମ୍ ବୟସର ଛାତ୍ର ଓ ଅଧିକ ବୟସର ଛାତ୍ରମାନଙ୍କ ନାମ ପଞ୍ଜୀକରଣ ଯୋଗୁଁ ଏଭଳି ହୋଇଥାଏ । ମାନବ ବିକାଶ ସୂଚକ (HDI)ରେ ପ୍ରାଥମିକ, ମାଧ୍ୟମିକ ତଥା ତୃତୀୟ ସ୍ତରୀୟ ମୋଟ୍ ନାମ ପଞ୍ଜୀକରଣକୁ ହିସାବକୁ ନିଆଯାଏ । ଏଠାରେ ଆମେ ଏହି ଅନୁପାତକୁ କେବଳ ପ୍ରାଥମିକ ସ୍ତର ( ୧ମ ରୁ ୫ମ ଶ୍ରେଣୀ)ରେ ହିଁ ବିଶ୍ଳେଷଣ କରିବା ।

ଆର୍ଥିକ ସର୍ବେକ୍ଷଣ 2005 -06 ଅନୁସାରେ 6 ବର୍ଷରୁ 14 ବର୍ଷ ଆୟୁବର୍ଗରେ (1ମରୁ ୫ମ ଶ୍ରେଣୀ) ଏହି ଅନୁପାତ 32.1% (1950-51 ମସିହାରେ) ରୁ 84.91% (2003-04 ମସିହାରେ)କୁ ବୃଦ୍ଧି ପାଇଛି । ସେହିପରି ଅଧାରୁ ପାଠ ଛାଡୁଥିବା ଛାତ୍ରସଂଖ୍ୟା ମଧ୍ୟ 39.0% (2001-02) 31.4% (2003-04) କୁ ହ୍ରାସପାଇଛି । ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ପ୍ରାପ୍ତ ରିପୋର୍ଟ ଅନୁଯାୟୀ ବିଦ୍ୟାଳୟ ପରିତ୍ୟାଗ କରିଥିବା ଛାତ୍ରସଂଖ୍ୟା (2001 -2005 ଭିତରେ) 2005 ରେ 3 କୋଟି 20 ଲକ୍ଷରୁ କମି 95 ଲକ୍ଷରେ ପହଞ୍ଚିଛି । ତଥାପି ପ୍ରାଥମିକ ସ୍ତରରେ 95 ଲକ୍ଷ ଛାତ୍ରଙ୍କର ବିଦ୍ୟାଳୟ ଛାଡ଼ିବା ଅତ୍ୟନ୍ତ ଚିନ୍ତାଜନକ । ରାଜ୍ୟସ୍ତରୀୟ ପରିସଂଖ୍ୟାନକୁ ଦେଖିଲେ ମଣିପୁରରେ 16.77% ରୁ





ବିହାରରେ 55.82% ପାର୍ଥକ୍ୟ ଦେଖାଯାଏ । ଉତ୍ତର ପ୍ରଦେଶ, ଆନ୍ଧ୍ରପ୍ରଦେଶ, ବିହାର, ଆସାମ, ହରିୟାଣା, ପଞ୍ଜାବ, ଜାମ୍ମୁ-କାଶ୍ମୀର, ଝାଡ଼ଖଣ୍ଡ ଏବଂ ନାଗାଲାଣ୍ଡରେ ଏହି ଅନୁପାତ ଜାତୀୟ ହାରଠାରୁ କମ୍ । ନିମ୍ନ ସ୍ତରରେ ପଞ୍ଜୀକରଣ ବୃଦ୍ଧି ତଥା ପୌଢ଼ସାକ୍ଷରତା ବୃଦ୍ଧିପାଇଁ ସରକାର ଅନେକ ନୂତନ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ତତ୍‌ସହିତ କାର୍ଯ୍ୟକାରୀ ହେଉଥିବା କାର୍ଯ୍ୟକ୍ରମ ଗୁଡ଼ିକୁ ଆହୁରି ସଶକ୍ତ ତଥା କ୍ରିୟାଶୀଳ କରୁଛନ୍ତି ।

**ଆର୍ଥିକ ସୂଚକ**

ମାନବ ବିକାଶରେ ଆର୍ଥିକ ପ୍ରଗତି ଏବଂ ଉତ୍ପାଦକତାକୁ ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଦିଆଯାଇଛି । ମାନବର ବିକାଶରେ ଶିକ୍ଷା ଓ ସ୍ୱାସ୍ଥ୍ୟକୁ ବାଦ୍ ଦେଇ ପ୍ରଗତିର ସୋପାନ ଆରୋହଣ ପାଇଁ ଆର୍ଥିକ ବିକାଶ ଏକ ମାଧ୍ୟମ ଅଟେ । ଆର୍ଥିକ ବିକାଶର ସୂଚକ ଗୁଡ଼ିକ ଯଥାକ୍ରମେ ମୋଟ୍ ଘରୋଇ ଉତ୍ପାଦ (Gross Domestic Product) ମୋଟ୍ ଜାତୀୟ ଉତ୍ପାଦ (Gross National Product- GNP), ମୁଣ୍ଡପିଛା ଆୟ ଇତ୍ୟାଦି । ଏଠାରେ ଆମେ କେବଳ ମୁଣ୍ଡପିଛା ଆୟ ଉପରେ ଆଲୋଚନା କରିବା ।

ଆର୍ଥିକ ସର୍ବେକ୍ଷଣ 2005-06 ଅନୁଯାୟୀ ମୁଣ୍ଡପିଛା ଆୟ ଟ3,687/- ରୁ ଟ.19, 646/- (2004-03) କୁ ବୃଦ୍ଧିପାଇଛି ।  ଯଦିଓ ମୁଣ୍ଡପିଛା ଆୟ ବୃଦ୍ଧି ହୋଇଛି ତଥାପି ସ୍ଥାନୀୟ ତଥା ଆଂଚଳିକ ସ୍ତରରେ ତୀବ୍ର ଅସମାନତା ରହିଛି । ଏପରିକି ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ମୁଣ୍ଡପିଛା ଆୟରେ ମଧ୍ୟ ଅସମାନତା ଦେଖାଯାଏ । ଦାରିଦ୍ର୍ୟ, ସୀମାରେଖା ତଳେ ଥିବା ଲୋକଙ୍କର ମୁଣ୍ଡପିଛା ଆୟରେ ମଧ୍ୟରେ ପାର୍ଥକ୍ୟ ରହିଛି । ଦାରିଦ୍ର୍ୟ କେବଳ ଆର୍ଥିକ ଆକୃତି ନୁହେଁ ଏହା ସାମାଜିକ ତଥା ମନୋବୈଜ୍ଞାନିକ ବାଞ୍ଛନା ଅଟେ । ଏହା ନିମ୍ନ ଜୀବନ ସ୍ତର, କୁପୋଷଣ, ନିମ୍ନ ମାନବୀୟ ବିକାଶ ରୂପେ ପ୍ରତିଫଳିତ ହୁଏ । ଯୋଜନା ଆୟୋଗ (Planning Commission)ଙ୍କର ଏକ ଅନୁମାନ ଅନୁସାରେ 1999-2001 ରେ 26.10% ଲୋକ ଦାରିଦ୍ର୍ୟ ସୀମାରେଖା ତଳେ ଥିଲେ । ଗ୍ରାମାଞ୍ଚଳରେ ଏହା 27.9% ଥିବା ସମୟରେ ସହରାଞ୍ଚଳରେ 23.62% ଥିଲା । ଗ୍ରାମାଞ୍ଚଳ ଦାରିଦ୍ର୍ୟର ମୁଖ୍ୟ କାରଣ ଯଥାକ୍ରମେ ଭୂମିହୀନ କୃଷକ ଓ ନାମ ମାତ୍ର କୃଷକ । କିନ୍ତୁ ସହରାଞ୍ଚଳ ଦାରିଦ୍ର୍ୟ ବସ୍ତି ବାସିନ୍ଦାଙ୍କ ମଧ୍ୟରେ ପରିଲକ୍ଷିତ ହୁଏ । ଓଡ଼ିଶା, ବିହାର (ଝାଡ଼ଖଣ୍ଡ ସହିତ), ମଧ୍ୟପ୍ରଦେଶ (ଛତିଶଗଡ଼ ସହ), ଉତ୍ତର ପ୍ରଦେଶ (ଉତ୍ତରାଖଣ୍ଡ ସହିତ) ମିଜୋରାମ ଛଡା ଉତ୍ତର ପୂର୍ବାଞ୍ଚଳର ସମସ୍ତ ରାଜ୍ୟ ତଥା ପଶ୍ଚିମ ବଙ୍ଗ ଆଦି ରାଜ୍ୟରେ ଦାରିଦ୍ର୍ୟ ସୀମାରେଖା ତଳେଥିବା ଲୋକଙ୍କ ସଂଖ୍ୟା ଜାତୀୟ ହାର ଠାରୁ କମ୍ ।

## ପାଠ୍ୟଗତ ପ୍ରଶ୍ନ ୨୮.୨

1. ପ୍ରତ୍ୟାଶିତ ଫଳାଫଳ ପ୍ରାପ୍ତିପାଇଁ ଆବଶ୍ୟକ ହେଉଥିବା ତିନୋଟି ଜନସାଂଖ୍ୟିକ ସୂଚକର ନାମ ଲେଖ ।


   (i) ______________________

   (ii) ______________________

   (iii) ______________________

2. ଶିଶୁ ଓ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ କେନ୍ଦ୍ର ସରକାରଙ୍କର ତିନୋଟି ସ୍ୱାସ୍ଥ୍ୟ ସମ୍ପର୍କୀତ କାର୍ଯ୍ୟକ୍ରମର ନାମ ଲେଖ ।

   (i) ______________________



ଟିପ୍ପଣୀ

(ii) ______________________________

(iii) ______________________________

3. ମୋଟ୍ ନାମ ପଞ୍ଜୀକରଣ 'ଅନୁପାତ' କ'ଣ ବୁଝାଅ ।

4. ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଜନସଂଖ୍ୟାକୁ ନେଇ ତିନୋଟି ରାଜ୍ୟର ନାମ ଲେଖ ।

(i) ______________________________

(ii) ______________________________

(iii) ______________________________

## 28.5 ମାନବ ବିକାଶ ସୂଚକ : ଏକ ରାଜ୍ୟସ୍ତରୀୟ ବିଶ୍ଳେଷଣ

UNDP ଦ୍ୱାରା ପ୍ରସ୍ତୁତ HDR ପରି ଆମ ଦେଶରେ ଯୋଜନା ଆୟୋଗ ଦ୍ୱାରା ଏକ ରିପୋର୍ଟ 2001 ମସିହାରେ ପ୍ରସ୍ତୁତ କରାଯାଇଥିଲା । ଏହି ରିପୋର୍ଟରେ ଭାରତର କେତୋଟି ବଡ଼ ବଡ଼ ରାଜ୍ୟ ମାନବ ବିକାଶର ସ୍ଥିତିକୁ ବିଶ୍ଳେଷଣ କରାଯାଇଥିଲା । ଏଥିରେ ଅବିଭକ୍ତ ରାଜ୍ୟ ଯଥା ବିହାର, ମଧ୍ୟପ୍ରଦେଶ ଓ ଉତ୍ତର ପ୍ରଦେଶ ମଧ୍ୟ ସାମିଲ୍ ହୋଇଥିଲା । ସାରଣୀ 28.6 ରେ ଭାରତର HDI ସୂଚକ ସହ 16 ଟି ନିର୍ବାଚିତ ରାଜ୍ୟର ସୂଚକ ମଧ୍ୟ ପ୍ରଦର୍ଶିତ ହୋଇଛି ।

**ସାରଣୀ 28.6 : ଭାରତ : ପ୍ରମୁଖ ରାଜ୍ୟର ମାନବ ବିକାଶ ସୂଚକ (2001)**

| କ୍ର.ନଂ | ରାଜ୍ୟ | HDI |
|---|---|---|
| 1 | ଆନ୍ଧ୍ର ପ୍ରଦେଶ | 0.416 |
| 2 | ଆସାମ | 0.386 |
| 3 | ବିହାର | 0.367 |
| 4 | ଗୁଜୁରାଟ | 0.479 |
| 5 | ହରିୟାଣା | 0.509 |
| 6 | କର୍ଣ୍ଣାଟକ | 0.478 |
| 7 | କେରଳ | 0.638 |
| 8 | ମଧ୍ୟ ପ୍ରଦେଶ | 0.394 |
| 9 | ମହାରାଷ୍ଟ୍ର | 0.523 |
| 10 | ଓଡ଼ିଶା | 0.404 |
| 11 | ପଞ୍ଜାବ | 0.537 |
| 12 | ରାଜସ୍ଥାନ | 0.424 |
| 13 | ତାମିଲନାଡୁ | 0.531 |
| 14 | ଉତ୍ତର ପ୍ରଦେଶ | 0.388 |
| 15 | ପଶ୍ଚିମବଙ୍ଗ | 0.472 |
| | **ଭାରତ** | **0.472** |

ସାରଣୀ ନଂ 28.6 ରେ ପ୍ରଦତ୍ତ HDI କୁ ବିଶ୍ଳେଷଣ କଲେ ଆମେ ଜାଣିପାରିବାଯେ କେତୋଟି ରାଜ୍ୟକୁ ଛାଡ଼ିଦେଲେ ଉତ୍ତର-ଦକ୍ଷିଣର ବିଭାଜକ ସ୍ପଷ୍ଟ ଅନୁଭୂତ । ଆନ୍ଧ୍ରପ୍ରଦେଶକୁ ଛାଡ଼ି ଅନ୍ୟ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଉତ୍ତମ ପ୍ରଦର୍ଶନ କରୁଛନ୍ତି । ଠିକ୍ ସେହିଭଳି ପଞ୍ଜାବ ଓ ହରିୟାଣା ବ୍ୟତୀତ ଉତ୍ତର ଭାରତର ଅନ୍ୟାନ୍ୟ ରାଜ୍ୟ ଏଦୃଷ୍ଟିରୁ ଅସଫଳ । ଏହି ରାଜ୍ୟଗୁଡ଼ିକର ନାମର ପ୍ରଥମ ଅକ୍ଷରଗୁଡ଼ିକୁ ମିଶାଇ ଏକ ସମାଲୋଚକ ମୂଳକ ଶବ୍ଦ ସୃଷ୍ଟି କରାଯାଇଛି 'BIMARU' । ଏହି ରାଜ୍ୟଗୁଡ଼ିକ ଯଥାକ୍ରମେ ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ ଓ ଉତ୍ତର ପ୍ରଦେଶ, ଉତ୍ତର-ଦକ୍ଷିଣ ବିଭାଜନ ଛଡ଼ା ପୂର୍ବ-ପଶ୍ଚିମ ବିଭାଜନ ମଧ୍ୟ ପରିଦୃଷ୍ଟ ହୁଏ । ପୂର୍ବୀୟ ରାଜ୍ୟ ଓଡ଼ିଶା ଓ ଆସାମ ଅପେକ୍ଷା ପଶ୍ଚିମରାଜ୍ୟ ଗୁଜୁରାଟ ଓ ମହାରାଷ୍ଟ୍ର ଉତ୍ତମ ପ୍ରଦର୍ଶନ କରିଛନ୍ତି । କିନ୍ତୁ ଏହି ରାଜ୍ୟଗୁଡ଼ିକୁ ଜାତୀୟ ହାର ଠାରୁ ନିମ୍ନରେ ଅଛନ୍ତି । ପଶ୍ଚିମବଙ୍ଗର ସୂଚକ ଜାତୀୟ ହାର ସହ ସମାନ । ଯେଉଁ ରାଜ୍ୟମାନେ HDI ରେ ସନ୍ତୋଷଜନକ ପ୍ରଦର୍ଶନ କରୁନାହାଁନ୍ତି ସେମାନଙ୍କ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ଜରୁରୀ ।

ନିମ୍ନଲିଖିତ ଅନୁଚ୍ଛେଦରେ ଭାରତରେ ରାଜ୍ୟସ୍ତରୀୟ ଆଲୋଚନା କରାଯିବ । ଯୋଜନା ଆୟୋଗ ଦ୍ୱାରା ପ୍ରସ୍ତୁତ ମାନବ ବିକାଶ ଚିଠା- 2001 ରେ 'ବିକାଶ-ରାଡାର୍' ପ୍ରସ୍ତାବିତ ହୋଇଛି । ଏଥିରୁ ଆଲୋଚନା ସମ୍ବନ୍ଧୀୟ ସୂଚନା ଉପଲବ୍ଧ ହେବ । ମୋଟ୍ ଆଠଟି ବିଭିନ୍ନ ସାମାଜିକ ସୂଚକ ଆଧାରରେ ଗ୍ରାମାଞ୍ଚଳ ତଥା ସହରାଞ୍ଚଳର ଦୁଇଟି ଭିନ୍ନ ଭିନ୍ନ ସମୟ ଅର୍ଥାତ୍ 1980 ଏବଂ 1990 ପାଇଁ 'ବିକାଶ-ରାଡାର୍' ପ୍ରସ୍ତୁତ କରାଯାଇଛି । 'ବିକାଶ-ରାଡ଼ାର୍' ସବୁ ରାଜ୍ୟପାଇଁ ପ୍ରସ୍ତୁତ କରାଯାଇଥିଲା । ସୂଚକର ଚୟନ ପ୍ରମୁଖ ତିନୋଟି ପରିସରରେ ପ୍ରାପ୍ତ ଉପଲବ୍ଧକୁ ବିଭକ୍ତ କରି ପ୍ରସ୍ତୁତ କରାଯାଏ । ଏଗୁଡ଼ିକ ଯଥାକ୍ରମେ- ଦୀର୍ଘାୟୁ ଶିକ୍ଷା ଏବଂ ପ୍ରାକୃତିକ ସମ୍ବଳ ଉପରେ ନିୟନ୍ତ୍ରଣ । ଏହା ସହିତ ମଣିଷର ମୌଳିକ ଆବଶ୍ୟକତା ଯଥା ବିଶୁଦ୍ଧ ପାନୀୟ ଜଳ ଏବଂ ବାସଗୃହର ଉପଲବ୍ଧତା ଆଦିକୁ ବିକାଶ-ରାଡ଼ାର (DR)ରେ ଉଲ୍ଲେଖ କରାଯାଇଛି । ବିକାଶ ରାଡାର ପ୍ରସ୍ତୁତିରେ ବ୍ୟବହୃତ ଆଠଟି ସାମାଜିକ ସୂଚକ ଯଥାକ୍ରମେ : -

(i) ମୁଣ୍ଡପିଛା ବ୍ୟୟ

(ii) ମୁଣ୍ଡପିଛା ଅନୁପାତ ଆଧାରରେ ଦାରିଦ୍ର୍ୟର ବିସ୍ତାର

(iii) ବିଶୁଦ୍ଧ ପାନୀୟ ଜଳ ଯୋଗାଣ

(iv) ପକ୍କା ଘର ଯୁକ୍ତ ପାରିବାରିକ ଅନୁପାତ

(v) 7 ବର୍ଷ ଏବଂ ତଦୁର୍ଦ୍ଧ୍ୱ ବୟସର ସାକ୍ଷରତା ହାର

(vi) ଔପଚାରିକ ଶିକ୍ଷାର ତୀବ୍ରତା, ଉତ୍ତରୋତ୍ତର କ୍ରମିକ ଶ୍ରେଣୀର ପଞ୍ଜୀକୃତ (ଯେଉଁ ଛାତ୍ରମାନଙ୍କର ବୟସ 6-18 ବର୍ଷ ମଧ୍ୟରେ) ଥିବା ଛାତ୍ର ତଥା ପଞ୍ଜୀକୃତ ହୋଇନଥିବା ଛାତ୍ରଙ୍କୁ ମିଶାଇ ସୂଚକ ପ୍ରସ୍ତୁତି ।

(vii) ଏକ ବର୍ଷ ବୟସ ପର୍ଯ୍ୟନ୍ତ ପ୍ରତ୍ୟାଶିତ ଆୟୁ

(viii) ନବଜାତ ଶିଶୁ ମୃତ୍ୟୁହାର

ଉପରୋକ୍ତ ସୂଚକ ଗୁଡ଼ିକୁ 0 ଠାରୁ 5 ପର୍ଯ୍ୟନ୍ତ ଆକଳନ କରାଯାଏ । '0' ସର୍ବନିମ୍ନ ପ୍ରାପ୍ତିପାଇଁ ଉଦ୍ଦିଷ୍ଟ ଓ '5' ସର୍ବଶ୍ରେଷ୍ଠ ପ୍ରାପ୍ତି ଉଦ୍ଦିଷ୍ଟ ।



ଟିପ୍ପଣୀ

## ପାଠ୍ୟଗତ ପ୍ରଶ୍ନ ୨୮.୩

1. ମାନବ ବିକାଶ ସୂଚକ ଜାତୀୟ ହାରଠାରୁ କମ୍ ଥିବା ଉତ୍ତର ଭାରତର ତିନୋଟି ରାଜ୍ୟର ନାମ ଲେଖ ।

_______________________________________________

2. 'ବିକାଶ-ରାଡାର' କହିଲେ କ'ଣ ବୁଝ ?

_______________________________________________

3. ଗ୍ରାମାଞ୍ଚଳ-ସହରାଞ୍ଚଳ ପାର୍ଥକ୍ୟ ପରିପ୍ରେକ୍ଷୀରେ କେଉଁ ଦୁଇଟି ସୂଚକ ମଧ୍ୟରେ ରିକ୍ତ ଅନ୍ତରାଳ ପରିଦୃଷ୍ଟ ହୁଏ ?

_______________________________________________

## ତୁମେ କ'ଣ ଶିଖିଲ

1990 ମସିହାରେ ଦୁଇଜଣ ବିଶିଷ୍ଟ ଅର୍ଥନୀତିଜ୍ଞ ପ୍ରଫେସର୍ ମେହେବୁବ୍ ଅଲ୍ ହକ୍ ଓ ପ୍ରଫେସର୍ ଅମର୍ତ୍ତ୍ୟସେନ୍ ମାନବ ବିକାଶ ସୂଚକ (HDI)ର ଅବଧାରଣା କରିଥିଲେ । 1990 ଠାରୁ UNDP (ସଂଯୁକ୍ତ ରାଷ୍ଟ୍ର ବିକାଶ କାର୍ଯ୍ୟକ୍ରମ) ପ୍ରତିବର୍ଷ ମାନବ ବିକାଶ ଚିଠା (HDR) ପ୍ରକାଶିତ କରିଆସିଛି । ଏଥିରେ ପୃଥିବୀର ପ୍ରାୟ ସବୁ ଦେଶର ମାନବ-ବିକାଶ ସ୍ଥିତି ପ୍ରଦର୍ଶୀତ ହୁଏ । HDI ଏପରି ଏକ ସୂଚକ ଯାହା ଗୋଟିଏ ଦେଶର ମାନବ ବିକାଶର ତିନୋଟି ପ୍ରମୁଖ ପରିସରରେ ହାରାହାରି ଫଳପ୍ରାପ୍ତିକୁ ମାପକରେ । ଏହି ପରିସର ଗୁଡ଼ିକ ଯଥାକ୍ରମେ (i) ଦୀର୍ଘ ଓ ସୁସ୍ଥ ଜୀବନ (ii) ଜ୍ଞାନ (iii) ଉନ୍ନତ ଜୀବନ ଧାରଣର ମାନ । ଆର୍ଥିକ ବିକାଶ ଓ ମାନବ ବିକାଶ ମଧ୍ୟରେ କିଛି ପାର୍ଥକ୍ୟ ଅଛି । ଆର୍ଥିକ ବିକାଶ କେବଳ ଆୟବୃଦ୍ଧି ଉପରେ କେନ୍ଦ୍ରଭୂତ । କିନ୍ତୁ ମାନବ ବିକାଶ ମାନବ ଜୀବନକୁ ଅଧିକରୁ ଅଧିକ ବିସ୍ତୃତ ଓ ବ୍ୟାପକ କରିବା ଉପରେ ପ୍ରାଧାନ୍ୟ ଦିଏ । HDI ରେ ଆର୍ଥିକ ଅବସ୍ଥା ଏକ ପ୍ରମୁଖ ଉପାଦାନ । HDI ବ୍ୟତୀତ ଆହୁରି ଅନେକ ସୂଚକ UNDP ଦ୍ୱାରା ପ୍ରସ୍ତୁତ ହୋଇଛି । ଯଥା ମାନବ ଦାରିଦ୍ର୍ୟ ସୂଚକ (HPI), ଲିଙ୍ଗ ବିକାଶ ସୂଚକ (GDI), ଲିଙ୍ଗ ସଶକ୍ତିକରଣ ମାପକ ସୂଚକ (GEMI) ଇତ୍ୟାଦି ।

ମାନବ ବିକାଶ ଚିଠା- 2005 ଅନୁଯାୟୀ ଭାରତର ସ୍ଥାନ 127, ଯାହା ମଧ୍ୟମ ବର୍ଗର ପ୍ରାୟତଃ ନିମ୍ନରେ ଅବସ୍ଥିତ । ଦ୍ରୁତ ଜନସଂଖ୍ୟା ବୃଦ୍ଧି, ବହୁ ସଂଖ୍ୟକ ପୌଢ଼ ନିରକ୍ଷରତା, ନିମ୍ନ ପଞ୍ଜୀକରଣ ଅନୁପାତ, ଶିକ୍ଷା ଓ ସ୍ୱାସ୍ଥ୍ୟ କ୍ଷେତ୍ର କମ୍ ପୁଞ୍ଜି ବିନିଯୋଗ, କମ୍ ଓଜନ ବିଶିଷ୍ଟ ଶିଶୁ, କୁପୋଷିତ ଲୋକ, ନିମ୍ନମାନର ପରିମଳ ବ୍ୟବସ୍ଥା ଏବଂ ଜୀବନ ରକ୍ଷାକାରୀ ଔଷଧର ଅଭାବ ଯୋଗୁଁ ଭାରତ ଏପରି ଏକ ନିନ୍ଦନୀୟ ସ୍ଥାନରେ ଅଛି । ତେଣୁ ଭାରତରେ ସ୍ୱାସ୍ଥ୍ୟସେବାର ଉନ୍ନତି, ଶିକ୍ଷା ଏବଂ ଦାରିଦ୍ର୍ୟ ଦୂରୀକରଣକରି ଲୋକଙ୍କର ଜୀବନ ଧାରଣର ମାନ ଉନ୍ନତି ଉପରେ ବିଶେଷ ଧ୍ୟାନ ଆବଶ୍ୟକ । ଅବଶ୍ୟ ସ୍ୱାଧିନତା। ପ୍ରାପ୍ତିଠାରୁ ଆଜି ଭିତରେ ବହୁତ ଉନ୍ନତି ହୋଇଛି । ଦେଶରେ ବେଳକୁ ବେଳ HIV/ AIDS ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି । ତେଣୁ ଯୁବ ସମାଜକୁ ଜୀବନ ବଂଚିବାର ନୂତନ କୌଶଳକୁ ଆହୁରି ବିକଶିତ କରିବା ପାଇଁ ଉପଦେଶ ଦିଆଯାଉଛି । ଏହି ସବୁ ସମସ୍ୟାରୁ ମୁକ୍ତି ପାଇବା ସରକାର ଅନେକ ଗୁଡ଼ିଏ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି । ଯଥା ଜାତୀୟ ଗ୍ରାମୀଣ ମିଶନ (NRHM), ସର୍ବଶିକ୍ଷା ଅଭିଯାନ (SSA), ଜାତୀୟ ଗ୍ରାମୀଣ ରୋଜଗାର ଗ୍ୟାରେଣ୍ଟି ଯୋଜନା (NREGS) ଇତ୍ୟାଦି ।

UNDP ର ମାନବ ବିକାଶ ଚିଠା (HDR) ଭଳି ଭାରତ ସରକାରଙ୍କ ଯୋଜନା ଆୟୋଗ ଦ୍ୱାରା ଏକ ଚିଠା ପ୍ରସ୍ତୁତ

କରାଯାଇଛି । ତା'କୁ 'ଜାତୀୟ ମାନବ ବିକାଶ ଚିଠା' କୁହାଯାଏ । ଏହି ଚିଠାରେ ଦେଶର 15 ଟି ପ୍ରମୁଖ ରାଜ୍ୟର ସ୍ଥିତିକୁ ପ୍ରଦର୍ଶନ କରାଯାଏ, ରିପୋର୍ଟ ଅନୁଯାୟୀ ବିହାରର ମାନବ ବିକାଶ ସୂଚକ ସର୍ବନିମ୍ନ ଏବଂ କେରଳର ସର୍ବୋଚ୍ଚ । ଏହାଛଡ଼ା ଯୋଜନା ଆୟୋଗ 'ବିକାଶ-ରାଡାର' ପ୍ରସ୍ତୁତ କରିଛି । ବିକାଶ-ରାଡାର ଦ୍ୱାରା ସମ୍ପୂର୍ଣ୍ଣ ରାଜ୍ୟର ସ୍ଥିତି ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ଭିନ୍ନ ମାନବ ବିକାଶ ପ୍ରଦର୍ଶିତ ହୁଏ । ଆଠଗୋଟି ସାମାଜିକ ସୂଚକ ଉପରେ ନିର୍ଭର କରି ବିକାଶ-ରାଡ଼ାର ପ୍ରସ୍ତୁତ କରାଯାଇଛି ।

## ପାଠ୍ୟାନ୍ତ ପ୍ରଶ୍ନ

1. ମାନବ ବିକାଶ ସୂଚକ, ମାନବ-ଦାରିଦ୍ର୍ୟ ସୂଚକ ଓ ଲିଙ୍ଗ ବିକାଶ ସୂଚକ ମଧ୍ୟରେ ପାର୍ଥକ୍ୟ ଦର୍ଶାଅ ।
2. ମାନବ ବିକାଶ ସପକ୍ଷରେ ଯେକୌଣସି ୪ଟି କାରଣ ବର୍ଣ୍ଣନା କର ।
3. କେନ୍ଦ୍ର ସରକାରଙ୍କ ଯୋଜନା 'ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟମିଶିନ'ର 4 ଟି ଦୃଷ୍ଟି ଉପରେ ଆଲୋକପାତ କର ।
4. ମାନବ ବିକାଶ ଚିଠା ସାରଣୀରେ ଭାରତ ନିମ୍ନାଂଶରେ ରହିବା ପାଇଁ ଦାୟୀ ଯେ କୌଣସି 4 ଟି କାରକର ନାମ ଲେଖ ।

## ପାଠ୍ୟଗତ ପ୍ରଶ୍ନର ଉତ୍ତର

**28.1**

1. ମାନବ ବିକାଶ ସୂଚକ ଏକ ସଂଯୁକ୍ତ ସୂଚକ ଅଟେ । ଯେକୌଣସି ଦେଶରେ କାର୍ଯ୍ୟକାରୀ ହେଉଥିବା ବିକାଶ ମୂଳକ କାର୍ଯ୍ୟକ୍ରମ ଦ୍ୱାରା ପ୍ରାପ୍ତ ଉପଲବ୍ଧକୁ ମାନବ ବିକାଶର ତିନୋଟି ପ୍ରମୁଖ ପରିସର ଯଥା (i) ଦୀର୍ଘ ଓ ସୁସ୍ଥ ଜୀବନ (ii) ଜ୍ଞାନ (iii) ଉନ୍ନତ ଜୀବନ ସ୍ତର ଆଧାରରେ ଦେଶର ସ୍ଥିତିକୁ HDI ଦର୍ଶାଏ ।


2.(a) ଜନ୍ମ ସମୟରେ ଆୟୁର ସମ୍ଭାବନାକୁ ଦୀର୍ଘ ତଥା ସୁସ୍ଥ ଜୀବନର ମାପ କରାଯାଏ ।

(b) ପୌଢ଼ ସାକ୍ଷରତା ହାର ଓ ପ୍ରାଥମିକ, ମାଧ୍ୟମିକ ତଥା ତୃତୀୟ ସ୍ତରରେ ନାମ ପଞ୍ଜୀକରଣକୁ ଜ୍ଞାନ ମାପ କରାଯାଏ ।

(c) ମୋଟ୍ ଘରୋଇ ଉତ୍ପାଦ ମୁଣ୍ଡପିଛା କ୍ରୟ କ୍ଷମତା ( ଆମେରିକୀୟ ଡଲାରରେ) ଦ୍ୱାରା ଉନ୍ନତ ଜୀବନ ଧାରଣର ମାନ ନିର୍ଣ୍ଣୟ କରାଯାଏ ।

3. ଆର୍ଥିକ ବିକାଶ ସଂପୂର୍ଣ୍ଣ ରୂପେ ଆୟ ବୃଦ୍ଧି ଉପରେ ଧ୍ୟାନ ଦିଏ ମାତ୍ର ମାନବ ବିକାଶ ମାନବ ଜୀବନର ପ୍ରତ୍ୟେକ ଆଧାର ଉପରେ ପ୍ରାଧାନ୍ୟ ଦେବା ସହ ଜୀବନର ବ୍ୟପକତା ବୃଦ୍ଧି ପାଇଁ ଚେଷ୍ଟା କରେ ।

4.(a) ଜନ୍ମଠାରୁ 40 ବର୍ଷ ପର୍ଯ୍ୟନ୍ତ ମୁଖରେ ରହି ନ ପାରିବା ସମ୍ଭାବନା



ଟିପ୍ପଣୀ

(b) ପୌଢ଼ ସାକ୍ଷରତା ହାର ।

(c) (a) ବିଶୁଦ୍ଧ ପାନୀୟ ଜଳ ସ୍ରୋତ ପାଉନଥିବା ଲୋକଙ୍କର ପ୍ରତିଶତ

(b) ଏକ ବର୍ଷ ମଧ୍ୟରେ ଥିବା କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ପ୍ରତିଶତ

5. ମୋଟ୍ 174 ଦେଶ ମଧ୍ୟରୁ 127 ସ୍ଥାନ । ଭାରତ ଠାରୁ ଉପରେ ଥିବା ପଡ଼ୋଶୀ ଦେଶ ଯଥା : ଚୀନ, ଶ୍ରୀଲଙ୍କା ଏବଂ ମାଳଦ୍ୱୀପ (ଯେକୌଣସି ୨ଟି)

## 28.2

1. (i) ଜନ୍ମହାର (ii) ଶିଶୁ ମୃତ୍ୟୁହାର (iii) ମୋଟ୍ ପ୍ରଜନନ ହାର

2. (i) ଜାତୀୟ ଗ୍ରାମୀଣ ସ୍ୱାସ୍ଥ୍ୟ ମିଶନ (NRHM) (ii) ଜନନୀ ସୁରକ୍ଷା ଯୋଜନା (iii)ବାଳିକା ସମୃଦ୍ଧି ଯୋଜନା (iv) କିଶୋର ଶକ୍ତି ଯୋଜନା (ଯେ କୌଣସି ୩ଟି)

3. କୌଣସି ଶ୍ରେଣୀରେ ନାମ ପଞ୍ଜୀକରଣ କରିବା ପାଇଁ ଯୋଗ୍ୟ ଛାତ୍ର ସଂଖ୍ୟା ଓ ପ୍ରକୃତରେ ନାମ ପଞ୍ଜୀକରଣ କରିଥିବା ଛାତ୍ରସଂଖ୍ୟାର ଅନୁପାତକୁ ମୋଟ୍ ପଞ୍ଜୀକରଣ ଅନୁପାତ କୁହାଯାଏ ।

4. (i) ବିହାର (ଝାଡ଼ଖଣ୍ଡ ସହ) (ii) ଓଡ଼ିଶା (iii) ମଧ୍ୟପ୍ରଦେଶ (ଛତିଶ ଗଡ଼ ସହ) (iv) ଉତ୍ତର ପ୍ରଦେଶ (ଉତ୍ତରାଖଣ୍ଡ ସହ) (v) ଆସାମ (vi) ପଶ୍ଚିମ ବଙ୍ଗ (vii) ମେଘାଳୟ (viii) ମଣିପୁର (ix) ନାଗାଲାଣ୍ଡ (x) ତ୍ରିପୁରା (xi) ସିକିମ୍ (xii) ଅରୁଣାଚଳ ପ୍ରଦେଶ (ଯେକୌଣସି 3 ଟି )

## 28.3

1. (i) ବିହାର (ii) ମଧ୍ୟପ୍ରଦେଶ (iii) ଉତ୍ତର ପ୍ରଦେଶ (iv) ରାଜସ୍ଥାନ

(ଯେକୌଣସି 3 ଟି )

2. ବିକାଶ – ରାଡ଼ାର ଦେଶର ବିଭିନ୍ନ ରାଜ୍ୟରେ ମାନବ ବିକାଶ କାର୍ଯ୍ୟକ୍ରମ ଦ୍ୱାରା ହେଉଥିବା ପ୍ରଗତିକୁ ରୈଖିକ ରୂପରେ ପ୍ରକାଶ କରେ । ରାଜ୍ୟର ସମ୍ପୂର୍ଣ୍ଣ ବିକାଶ ସହ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ପ୍ରଗତିକୁ ଅଲଗା ଅଲଗା ପ୍ରଦର୍ଶନ କରେ । ଏହା ସମୟର ଦୁଇ ବିନ୍ଦୁ ଯଥା 1980 ଏବଂ 1990 ପାଇଁ ଆଠଟି ସାମାଜିକ ସୂଚକର ମାପଦଣ୍ଡ ଅନୁସାରେ ପ୍ରଗତିକୁ ରେଖାଚିତ୍ର ରୂପେ ବ୍ୟକ୍ତ କରେ ।

3. (i) ମୁଣ୍ଡ ପିଛା ଆୟ (ii) ଦାରିଦ୍ର୍ୟ

## ପାଠ୍ୟାନ୍ତ ପ୍ରଶ୍ନର ସଂକେତ

1. ଦୀର୍ଘ ଓ ସୁସ୍ଥ ଜୀବନ, ଜ୍ଞାନ ଓ ଉନ୍ନତ ଜୀବନଶୈଳୀ ଭଳି ତିନୋଟି ପ୍ରମୁଖ ପରିସରକୁ ନେଇ HDI, HPI ଓ GDI ଆକଳନ କରାଯାଏ । ତଥାପି କେତେକ ସୂଚକ ଭିତରେ ପାର୍ଥକ୍ୟ ରହିଛି । ଜନ୍ମ ସମୟରେ ଆୟୁର ସମ୍ଭାବନା, ପୌଢ଼ ସାକ୍ଷରତା ହାର, ପ୍ରାଥମିକ, ମାଧ୍ୟମିକ ଓ ତୃତୀୟ ସ୍ତରରେ ମୋଟ୍ ପଞ୍ଜୀକରଣ ଏବଂ ପରିଶେଷରେ GDP ମୁଣ୍ଡପିଛା ଆୟର ଏକ ସଂଯୁକ୍ତ ସୂଚକ HDI । ମାନବ ଦାରିଦ୍ର୍ୟ ସୂଚକ ମଧ୍ୟ ଏକ ସଂଯୁକ୍ତ ସୂଚକ ଅଟେ । ଜନ୍ମ ସମୟରେ ଆୟୁ ସମ୍ଭାବନା, ପୌଢ଼ ସାକ୍ଷରତା ହାର, ବିଶୁଦ୍ଧ ପାନୀୟ ଜଳ ପାଇବାରୁ ବଂଚିତ ଲୋକଙ୍କ ପ୍ରତିଶତ ଏବଂ ଏକ ବର୍ଷ ମଧ୍ୟରେ କମ୍ ଓଜନ ବିଶିଷ୍ଟ ଶିଶୁଙ୍କ ପ୍ରତିଶତର ସଂଯୁକ୍ତ ସୂଚକ HPI । ସେହିପରି ଲିଙ୍ଗ ବିକାଶ ସୂଚକ GDI, HPI ଠାରୁ ସାମାନ୍ୟ ଭିନ୍ନ, ନାରୀ ସଂଖ୍ୟା ହ୍ରାସ, ଯାହାଫଳରେ ପୁରୁଷ-ନାରୀ ଅନୁପାତରେ ତୀବ୍ର ଅସନ୍ତୁଳନ ସୃଷ୍ଟି ହେଉଛି । ପ୍ରତି





ହଜାର ପୁରୁଷ ପିଛା ନାରୀ ସଂଖ୍ୟା କମ୍ । ମହିଳାମାନେ ପୁରୁଷମାନଙ୍କ ଅପେକ୍ଷା କୁପୋଷଣର ଅଧିକ ଶିକାର ହେଉଛନ୍ତି ।

2. ଅନୁଚ୍ଛେଦ 28.2 ଦେଖ ।
3. ସାରଣୀ ନଂ 28.5 ଦେଖ ।
4. ଅନୁଚ୍ଛେଦ 28.3 ଦେଖ



## ଚିନ୍ତନ ବିନ୍ଦୁ

***କିଶୋରାବସ୍ଥାରେ ପୋଷକ ଖାଦ୍ୟ***

କିଶୋରାବସ୍ଥାରେ ଉଭୟ ପୁଅ ଓ ଝିଅଙ୍କ ଶରୀରରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେବା ସହ ଶରୀରର ଦ୍ରୁତ ବିକାଶ ହୁଏ । ତେଣୁ ଏହି ସମୟରେ ପୋଷକ ଖାଦ୍ୟାର ଆବଶ୍ୟକତା ରହିଛି । ଏହି ସମୟରେ ଶରୀରକୁ ଅଧିକ କ୍ୟାଲସିୟମ୍ ଓ ଆଇରନ୍ (ସାଧାରଣ ଖାଦ୍ୟ ସହ) ଦରକାର ପଡ଼େ ।

ବାଳିକାମାନଙ୍କର ମାସିକ ଋତୁସ୍ରାବ ହେତୁ ରକ୍ତହୀନତା ସୃଷ୍ଟି ହେବାର ସମ୍ଭାବନା ଅଧିକ । ତେଣୁ ସେମାନଙ୍କୁ ଅଧିକ ଆଇରନ ଆବଶ୍ୟକ ରକ୍ତ ଶୂନ୍ୟତାକୁ ରକ୍ଷା ପାଇବା ପାଇଁ କିମ୍ବା ରକ୍ତ ଶୂନ୍ୟତା ଦୂରୀକରଣ ପାଇଁ ସେମାନେ ମାଂସ, ଲିଭର୍, ସବୁଜ ପତ୍ରଯୁକ୍ତ ପନିପରିବା ପ୍ରଚୁର ପରିମାଣରେ ଖାଇବା ଦରକାର । ଡାକ୍ତରଙ୍କ ପରାମର୍ଶରେ ଆଇରନ୍ ବଟିକା ମଧ୍ୟ ଖାଇବା ଜରୁରୀ । କିଶୋରାବସ୍ଥାରେ ଗର୍ଭଧାରଣ କଲେ ରକ୍ତହୀନତା ଅଧିକ ବିପଦ ଜନକ ହୋଇଥାଏ । ପରବର୍ତ୍ତୀ ଅବସ୍ଥାରେ ଏହା ଆହୁରି ଗମ୍ଭୀର ହୋଇଥାଏ ।

